# ସତ୍ୟପ୍ରକାଶ

## THE VOICE OF TRUTH

Sep & Oct, 1999

AN ORIYA BIMONTHLY BULLETIN
PUBLISHED BY THE CHURCH OF CHRIST

# The Voice of Truth

CHURCH OF CHRIST
P.O. Box No. 80, KAKINADA,
A.P. - 533 001
Ph. 0884 - 63722

Vol. 4 September & October, 1999 No

Published every two months in Ori
Language for the Restoration of pu
New Testament Christianity

**FREE!** **FREE!!** **FR**

Study the Bible in the quiet of your own home. En yourself in the **BASIC BIBLE COURSE** in O language. Complete the course and obtain a cop Oriya Holy Bible obsolutely free! Send your add today to:

THE DIRECTOR
BIBLE CORRESPONDENCE COURSE
P.O. Box. 80, KAKINADA - 533 001.

ସତ୍ୟବାଣୀ

VOICE OF TRUTH

Vol. - V KAKINADA SEPT-OCT - V

## ପ୍ରଭୁଭୋଜ ପାଳନ

## The Lords Supper

ପ୍ରଭୁଭୋଜ ପାଳନ ଉପାସନାର ଅନ୍ୟ ଏକ ଅଭିନ୍ନ ଅଂଶ । ମନୁଷ୍ୟ ମାତ୍ରକେ ବିସ୍ମରଣ ଶୀଳ ପ୍ରାଣୀ । ତାହାଙ୍କ ବଳିଦାନ ଯେପରି ମନୁଷ୍ୟ ଭୁଲି ନ ଯାଏ, ତେଣୁ କରି ସେ ଏକ ସ୍ମାରକ ପ୍ରଥା ଏହି ଜଗତରେ ପ୍ରଚଳିତ କରିଥିଲେ । ଏହି ସ୍ମାରକ ପ୍ରଥା 'ପ୍ରଭୁଭୋଜ' ରୂପେ ପରିଚିତ ।

ଏହାର ପ୍ରାରମ୍ଭ ଉତ୍ସବ ବିଷୟରେ କୁହାଯାଏ, 'ଆଉ ସେମାନେ କରୁଥିବା ସମୟରେ ଯୀଶୁ ରୋଟୀ ନେଇ ଆଶୀର୍ବାଦ କଲେ ଓ ତାହା ଭାଙ୍ଗି ଶିଷ୍ୟମାନଙ୍କୁ ଦେଇ କହିଲେ, ନିଅ ଭୋଜନ କର, ଏହା ମୋହର ଶରୀର । ପୁଣି ସେ ପାନପାତ୍ର ନେଇ ଧନ୍ୟବାଦ ଦେଲେ ଓ ସେମାନଙ୍କୁ ଦେଇ କହିଲେ, ଏଥିରୁ ସମସ୍ତେ ପାନ କର କାରଣ ଯେଉଁ ନିୟମର ରକ୍ତ ଅନେକଙ୍କ ନିମନ୍ତେ ପାପକ୍ଷମା ଉଦ୍ଦେଶ୍ୟରେ ପାତିତ ହେଉଅଛି । ଏ ମୋହର ସେହି ରକ୍ତ ।' ଖ୍ରୀଷ୍ଟଙ୍କ ଶରୀରର ସ୍ମରଣାର୍ଥେ ରୋଟୀ ଓ ତାହାଙ୍କ ରକ୍ତ ସ୍ମରଣାର୍ଥେ ଦ୍ରାକ୍ଷାରସ ପାନ କରିବା ନିମନ୍ତେ ଯୀଶୁ ଖ୍ରୀଷ୍ଟ ଆଜ୍ଞା ଦେଇଥିଲେ ! ଯେପରିକି ବିସ୍ମୃ-ଶୀଳ ମନୁଷ୍ୟ ତାହାଙ୍କ ମହାତ୍ୟାଗ ପାସରି ନ ପାରେ ।

କରିନ୍ଥୀ ମଣ୍ଡଳୀକୁ ପ୍ରେରିତ ପାଉଲ କହନ୍ତି, ତୁମ୍ଭମାନଙ୍କର ସମାଗମ ହେବା ସମୟରେ ତୁମ୍ଭେମାନେ ପ୍ରଭୁଭୋଜ ପାଳନ କର ନ ଥାଅ । କାରଣ ଭୋଜନ ସମୟରେ ପ୍ରତ୍ୟେକ ଜଣ ଅନ୍ୟର

ଅପେକ୍ଷା ନ କରି ଆପଣା ଆହାର ଭୋଜନ କରେ, ସେଥିପାଇଁ ଜଣେ କ୍ଷୁଧାରେ ରହେ ଓ ଅନ୍ୟ ଜଣେ ମାତାଲ ହୁଏ । କଅଣ ? ତୁମ୍ଭମାନଙ୍କର କି ଭୋଜନ ପାନ କରିବା ନିମନ୍ତେ ଘର ନାହିଁ ? କିମ୍ବା ତୁମ୍ଭେମାନେ କଅଣ ଈଶ୍ବରଙ୍କ ମଣ୍ଡଳୀ କି ଅବଜ୍ଞା କରୁଅଛ ? ପୁଣି ଯେଉଁମାନଙ୍କର ନାହିଁ । ସେମାନଙ୍କୁ ଲଜ୍ଜା ଦେଉଅଛ ? ମୁଁ ତୁମ୍ଭମାନଙ୍କୁ କଅଣ କହିବି ? କଅଣ ତୁମ୍ଭମାନଙ୍କର ପ୍ରଶଂସା କରିବି ? ଏ ବିଷୟରେ ମୁଁ ତୁମ୍ଭମାନଙ୍କର ପ୍ରଶଂସା କରୁନାହିଁ । କାରଣ ମୁଁ ପ୍ରଭୁଙ୍କ ଠାରୁ ପ୍ରାପ୍ତ ଯେଉଁ ଶିକ୍ଷା ତୁମ୍ଭମାନଙ୍କୁ ପ୍ରଦାନ କରିଅଛି ? ତାହା ଏହି ଶତ୍ରୁହସ୍ତରେ ସମର୍ପିତ ହେବା ରାତିରେ ପ୍ରଭୁ ଯୀଶୁ ରୋଟୀ ନେଇ ଧନ୍ୟବାଦ ଦେଇ ତାହା ଭାଙ୍ଗି କହିଲେ, ଏହା ତୁମ୍ଭମାନଙ୍କ ନିମନ୍ତେ ମୋହର ଶରୀର, ମୋତେ ସ୍ମରଣ କରିବା ନିମନ୍ତେ ଏହା କର । ସେହିପରି ଭୋଜନ ଉତ୍ତାରେ ସେ ପାନପାତ୍ର ମଧ୍ୟ ନେଇ କହିଲେ, ଏହି ପାନପାତ୍ର ମୋହର ରକ୍ତ ସ୍ଥାପିତ ନୂତନ ନିୟମ ତୁମ୍ଭେମାନେ ଯେତେଥର ଏଥିରୁ ପାନ କର, ସେତେଥର ମୋତେ ସ୍ମରଣ କରିବା ନିମନ୍ତେ ଏହା କର । କାରଣ ଯେତେଥର ତୁମ୍ଭେମାନେ ଏହି ରୋଟୀ ଭୋଜନ କର ଓ ଏହି ପାନପାତ୍ରରୁ ପାନ କର, ସେତେଥର ତୁମ୍ଭେମାନେ ପ୍ରଭୁଙ୍କର ଆଗମନ ପର୍ଯ୍ୟନ୍ତ ତାହାଙ୍କ ମୃତ୍ୟୁ ପ୍ରଚାର କରୁଅଛ ? ଅତଏବ ଯେ କେହି ଅଯୋଗ୍ୟ ଭାବରେ ପ୍ରଭୁଙ୍କର ଏହି ରୋଟୀ ଭୋଜନ କରେ କିମ୍ବା ଏହି ପାତ୍ରରୁ ପାନ କରେ, ସେ ପ୍ରଭୁଙ୍କ ଶରୀରର ଓ ରକ୍ତର ଦାୟୀ ହେବ । କିନ୍ତୁ ମନୁଷ୍ୟ ଆପଣାକୁ ପରୀକ୍ଷା କରୁ ଆଉ ସେହିପରି ଭାବେ ଏହି ରୋଟୀ ଭୋଜନ କରୁ ଓ ଏହି ପାତ୍ରରୁ ପାନ କରୁ । କାରଣ ଯେ ପ୍ରଭୁଙ୍କ ଶରୀରକୁ ବିଶେଷ ନ ମଣି ଭୋଜନ କରେ ଓ ପାନ କରେ ସେ ଆପଣା ଦଣ୍ଡ ନିମନ୍ତେ ଭୋଜନ କରେ ଓ ପାନ କରେ । ( ୧ମ କରିନ୍ଥୀ ୧୧ : ୨୦-୨୯ )

ପ୍ରଥମେ ପାଉଲ କରିନ୍ଥୀୟ ଖ୍ରୀଷ୍ଟିୟାନ ମଣ୍ଡଳୀକୁ ସେମାନଙ୍କ ପ୍ରଭୁଭୋଜ ପାଳନର ଉଦ୍ଦେଶ୍ୟ ବିଷୟରେ ନିନ୍ଦା କରିବେ । ପ୍ରଭୁଙ୍କ ଆଜ୍ଞାନୁଯାୟୀ ପ୍ରଭୁଭୋଜ ପାଳନ ନ କରି, ଏକ ଭୋଜ ରୂପେ ପାଳନ କରିବା ଆରମ୍ଭ କରିଥିଲେ । ତେଣୁ କରି ପାଉଲ ଏହି ବାକ୍ୟାଂଶରେ

ପ୍ରଭୁଭୋଜନର ପ୍ରକୃତ ଉଦ୍ଦେଶ୍ୟ ସେମାନଙ୍କୁ ବୁଝାଇ ଦେଇ ଅଛନ୍ତି । ଏହି ସବୁ ଆଜ୍ଞା ସେ ପ୍ରଭୁଙ୍କ ଠାରୁ ପ୍ରାପ୍ତ ହୋଇ ଅଛନ୍ତି ବୋଲି ସେ ଏଠାରେ ଉଲ୍ଲେଖ କରନ୍ତି ।

୧) ପ୍ରଭୁଯୀଶୁଖ୍ରୀଷ୍ଟ ଆପଣା ଶିଷ୍ୟ ଦ୍ୱାରା ପ୍ରତାରିତ ହେବା ରାତିରେ ଏହି ପ୍ରଥାର ଆରମ୍ଭ କରିଥିଲେ ।

୨) ମନୁଷ୍ୟମାନଙ୍କ ନିମନ୍ତେ ବଳୀକୃତ ତାହାଙ୍କ ଶରୀରର ସ୍ମରଣାର୍ଥେ ରୋଟୀ ନେବା ପାଇଁ । ଏବଂ

୩) ମନୁଷ୍ୟମାନଙ୍କ ପାପ ନିମନ୍ତେ ପାତିତ ତାହାଙ୍କ ରକ୍ତର ସାଦୃଶ୍ୟରେ ଦ୍ରାକ୍ଷାରସ ନେବା ପାଇଁ ସେ ଆଜ୍ଞା ଦେଇଥିଲେ ।

୪) ଏହି ପ୍ରଥା ପାଳନ କରିବା ସମୟରେ ଖ୍ରୀଷ୍ଟଙ୍କ ମରଣ ସ୍ମରଣ କରାଯାଏ ।

୫) ଅଯୋଗ୍ୟ ଭାବେ ପ୍ରଭୁ ଭୋଜରେ ଭାଗୀ ହେଲେ ଆମ୍ଭେମାନେ ତାହାଙ୍କ ଶରୀର ଓ ରକ୍ତର ଦାୟୀ ହୋଇଥାଉଁ ।

୬) ପ୍ରଭୁଭୋଜ ପାଳନ କରିବା ପୂର୍ବେ ଖ୍ରୀଷ୍ଟିୟାନ ଆପଣାକୁ ପରୀକ୍ଷା କରିବା ଆବଶ୍ୟକ ।

୭) ଅଯୋଗ୍ୟ ଭାବେ ଯେ ସେହି ରୋଟୀ ଭୋଜନ କରେ ଓ ଦ୍ରାକ୍ଷାରସ ପାନ କରେ, ସେ ଆପଣାକୁ ଦଣ୍ଡପାତ୍ର କରାଏ ।

ପ୍ରଭୁଭୋଜ ବିଷୟରେ ଆଉରି କେତୋଟି ସତ୍ୟ :—

୧) ଉପରୋକ୍ତ ବାକ୍ୟାଂଶରୁ କେବଳ ମଣ୍ଡଳୀର ସମସ୍ତ ସଭ୍ୟ ନିମନ୍ତେ ଏକମାତ୍ର ପାନପାତ୍ର ବ୍ୟବହୃତ ହେବା ଆବଶ୍ୟକ ବୋଲି ଅନେକେ ମତ ପ୍ରକାଶ କରନ୍ତି । କିନ୍ତୁ ପ୍ରଭୁ ପାନପାତ୍ର ଉପରେ ପ୍ରଧାନ୍ୟତା ନ ଦେଇ ପାନପାତ୍ରରେ ଥିବା ଦ୍ରାକ୍ଷାରସ ପ୍ରାଧାନ୍ୟତା ଦେଇ ଅଛନ୍ତି । ୨ସ୍ଥରେ ଦ୍ରାକ୍ଷାରସ ପାନ କରିବା ସମୟରେ ତାହାଙ୍କ ପାତିତ ରକ୍ତ ଆମ୍ଭେମାନେ ସ୍ମରଣ

କରିବା ନିମନ୍ତେ ଆଜ୍ଞାପିତ ହୋଇଅଛୁ । ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ ଖ୍ରୀଷ୍ଟିୟାନମାନେ ଏକ ପାନ ପାତ୍ରରୁ ଦ୍ରାକ୍ଷାରସ ପାନ ନ କରିବା ଶ୍ରେୟସ୍କର ।

୨) ପ୍ରଭୁଭୋଜ ପାଳନକାରୀମାନେ ତାହାଙ୍କ ଆଗମନ ପ୍ରଚାର କରନ୍ତି ।

୩) ପ୍ରଭୁଭୋଜ ପାଳନକାରୀ ପ୍ରତ୍ୟେକ ଖ୍ରୀଷ୍ଟିୟାନ ଆପଣା ଆପଣାକୁ ପରୀକ୍ଷା କରିବା ଆବଶ୍ୟକ । ପ୍ରଥମେ ଆମ୍ଭମାନଙ୍କ କୃତ ମନ୍ଦ କର୍ମରୁ ମନପରିବର୍ତ୍ତନ କରି ତାହାଙ୍କ ଭୋଜରେ ଭାଗୀ ହେଉଁ । ତାହାଙ୍କ ରକ୍ତ ଆମ୍ଭମାନଙ୍କୁ ପ୍ରତ୍ୟେକ ପାପରୁ ଶୁଚି କରେ ।

୪) ଅଯୋଗ୍ୟ ଭାବେ ପ୍ରଭୁଭୋଜରେ ଭାଗୀ ହେବା ଲୋକ ଆଶୀର୍ବାଦ ସ୍ଥଳେ ଦଣ୍ଡାଜ୍ଞା ପ୍ରାପ୍ତ ହୁଅନ୍ତି । ଅବଶ୍ୟ ଧାର୍ମିକ କେହି ନାହିଁ କିଅବା ଯୋଗ୍ୟ କେହି ନାହିଁ । ଜ୍ଞାତସାରରେ ଅପରାଧ କରି ତାହାଙ୍କ ପ୍ରଭୁଭୋଜରେ ଭାଗୀ ହେବା ଲୋକେ ଆପଣା ଆପଣାକୁ ତଥା ମଣ୍ଡଳୀକୁ ପ୍ରବଞ୍ଚନା କରନ୍ତି । କିନ୍ତୁ ପରମେଶ୍ୱରଙ୍କୁ ମନୁଷ୍ୟର ଅନ୍ତରର ମର୍ମ ଅଜ୍ଞାତ ନୁହେଁ ।

୫) ପ୍ରଭୁଭୋଜ ପାଳନ କରିବାରେ ଖ୍ରୀଷ୍ଟିୟାନମାନେ ତାହାଙ୍କ ମୃତ୍ୟୁ ପ୍ରଚାର କରିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କୁ ତାହାଙ୍କ ଆଜ୍ଞାପାଳନ କରିବାରେ ଉତ୍ସାହିତ କରନ୍ତି ।

ପ୍ରେରିତ ୨୦ : ୭ ପଦରେ ଖ୍ରୀଷ୍ଟିୟାନମାନେ ସପ୍ତାହର ପ୍ରଥମ ଦିନରେ ପ୍ରଭୁଭୋଜ ପାଳନ କରିବା ପଢ଼ିଥାଉଁ । ତେଣୁକରି ଆସ, ଆମ୍ଭେମାନେ ଆଦିମ ଖ୍ରୀଷ୍ଟିୟାନମାନଙ୍କ ସଦୃଶ୍ୟ ସପ୍ତାହର ପ୍ରଥମ ଦିବସରେ ତାହାଙ୍କ ଶରୀର ଓ ରକ୍ତର ସ୍ମରଣାର୍ଥେ ପ୍ରଭୁ-ଭୋଜରେ ଭାଗୀ ହୋଇ ତାହାଙ୍କୁ ସତ୍ୟ ଓ ଆତ୍ମାରେ ଉପାସନା କରୁ ।

—J. C. Choate.

—o—

## କିଏ ପବିତ୍ର ଓ ଆଦରଣୀୟ ?
## ( Holy and Reverend, who ? )

'ଏକ ପରମେଶ୍ୱର ସ୍ୱର୍ଗରେ ଅଛନ୍ତି' (ଦାନିୟେଲ ୨: ୩୮ ଏହି ପରମେଶ୍ୱର ଅନନ୍ତକାଳ ଆମ୍ଭମାନଙ୍କର ପରମେଶ୍ୱର ଅଟନ୍ତି ( ଗୀତ ୪୮ : ୧୪ ) । ଆମ୍ଭମାନଙ୍କ ପରମେଶ୍ୱର ମହାନ ଅଟନ୍ତି । ଆମ୍ଭେ ସଦାପ୍ରଭୁ ଆଉ ଦ୍ୱିତୀୟ କେହି ନାହିଁ ଆମ୍ଭ ଛଡ଼ା ଆଉ ପରମେଶ୍ୱର ନାହାନ୍ତି । ( ଯିଶାଇୟ ୪୫ : ୫ ) ଆମ୍ଭେ ଆଦ୍ୟ ଓ ଅନ୍ତ, ପୁଣି ଆମ୍ଭ ଛଡ଼ା ପରମେଶ୍ୱର ଆଉ ନାହିଁ । ( ଯିଶାଇୟ ୪୪ : ୬ ) ଅନ୍ୟ ଶୈଳ ନାହିଁ, ଆମ୍ଭେ କାହାକୁ ଜାଣୁ ନା । ( ଯିଶାଇୟ ୪୪ : ୮ ) । ଆମ୍ଭେ ସର୍ବଶକ୍ତିମାନ ପରମେଶ୍ୱର । ( ଆଦି ୧୭ : ୧ ଏତେ ମହାନ ପରମେଶ୍ୱରଙ୍କ ଆଂଭେମାନେ ଗୌରବ ଓ ପ୍ରଂଶସା କରୁ । ତାହାଙ୍କ ନାମ ବ୍ୟର୍ଥରେ ନେବା ଲୋକଙ୍କୁ ସେ ନିରପରାଧି ବୋଲି ଗଣନା କରିବେ ନାହିଁ ।

ଆଜିର ଖ୍ରୀଷ୍ଟିୟ ସମାଜରେ ଅନେକ ବର୍ଗର ଲୋକେ ପରମେଶ୍ୱରଙ୍କ ନାମ ବ୍ୟର୍ଥରେ ବ୍ୟବହାର କରିବା ଆମ୍ଭେମାନେ ଦେଖି ଥାଉଁ । ଅନେକ ତାହାଙ୍କ ନାମକୁ ଗୌରବ ବିହୀନ କରୁ ଅଛନ୍ତି । ଗୀତ ସଂହିତା ୧୧୧ : ୯ ପଦରେ କୁହାଯାଏ, ତାହାଙ୍କ ନାମ ପବିତ୍ର ଓ ଆଦରଣୀୟ । (Holy and Reverend is His name) । କିନ୍ତୁ ଅନେକ ଆଦରଣୀୟ ବା Reverend ତାହାଙ୍କ ନାମ ପଦ ଆପଣା ନାମ ସହିତ ଶିରୋନାମା ରୂପ ଧାରଣ କରନ୍ତି ତୁଚ୍ଛ ମନୁଷ୍ୟ କି ସର୍ବପରିସ୍ଥ ସର୍ବଶକ୍ତିମାନ ପରମେଶ୍ୱରଙ୍କ ପଦବୀ ଧାରଣ କରିବାରେ ଯୋଗ ? ସୈନ୍ୟାଧିପତି ସଦାପ୍ରଭୁ ହିଁ ପବିତ୍ର ଓ ଆଦରଣୀୟ ଅଟନ୍ତି, କିନ୍ତୁ ମନୁଷ୍ୟ ସେହି ସମ୍ମାନର ଅଧିକାରୀ ନୁହେଁ । ମୁଁ ଆପଣାକୁ Reverend ବୋଲାଇ ମୁଁ ଆପଣାକୁ ପରମେଶ୍ୱରଙ୍କ ସହିତ ସମାନ କରାଉ ଅଛି । ଆପଣାକୁ Reverend

ରୂପେ ପରିଚିତ କରାଇବା ଦ୍ୱାରା ଆମ୍ଭେମାନେ ଆପଣା ଆପଣାକୁ ଅନ୍ୟ ମନୁଷ୍ୟମାନଙ୍କ ଠାରୁ ଉନ୍ନତ କରୁଅଛୁ । କିନ୍ତୁ ପବିତ୍ର ଓ ଆଦରଣୀୟ ଯେ ପରମେଶ୍ୱର ଅଟନ୍ତି, ସମସ୍ତ ଗୌରବ, ମହିମା ଓ ସମ୍ମାନ ତାହାଙ୍କର ଅଟେ । ତାହାଙ୍କ ପଦବୀ ମନୁଷ୍ୟ ଧାରଣ କରି ତାହାଙ୍କ ନାମକୁ ଅମର୍ଯ୍ୟାଦା ଆଣେ ।

ଆଜିର ଖ୍ରୀଷ୍ଟିୟ ସମାଜରେ ଅନେକ ବିଶୃଙ୍ଖଳା ସୃଷ୍ଟି ହୋଇଅଛି । ଖ୍ରୀଷ୍ଟିୟ ମଣ୍ଡଳୀଗୁଡ଼ିକରେ **Reverend, Clergy, laity** ପ୍ରଭୃତି ବିଭିନ୍ନ ସ୍ତରର ପଦବୀଗୁଡ଼ିକ ସୃଷ୍ଟି କରାଯାଇ ଅଛି । **Reverend** ପଦବୀ ଧାରଣ କରିବା ବ୍ୟକ୍ତିମାନେ, **laity** ପଦବୀ ଧାରଣ କରିବା ବ୍ୟକ୍ତିମାନଙ୍କ ଠାରୁ ଉନ୍ନତତର । କିନ୍ତୁ ମଣ୍ଡଳୀ ସ୍ଥାପନ ହେବାର ସମୟରେ ଏହି ସବୁ ପଦବୀ ନଥିଲା । ଏହା କେବଳ ମନୁଷ୍ୟ ପ୍ରବେଶ କରିଥିବା ପଦ୍ଧତି ।

ପରମେଶ୍ୱର ହିଁ ସମସ୍ତ ଗୌରବ, ମହିମା ଓ ପ୍ରଶଂସାର ଅଧିକାରୀ ଅଟନ୍ତି । ଆପଣା ଆପଣାକୁ ଗୁରୁ ବୋଲି ସମ୍ବୋଧି ହେଉଥିବା ଯିହୁଦୀ ନେତାମାନଙ୍କୁ ପ୍ରଭୁଯୀଶୁ ନିନ୍ଦା କରିବା ବିଷୟ ଆମ୍ଭେମାନେ ମାଥିଉ ୨୩ : ୭-୧୦ ପଦ ପଢ଼ିପାରୁ । ଆଉ ପୃଥିବୀରେ କାହାକୁ ହିଁ ପିତା ବୋଲି ସମ୍ବୋଧନ କର ନାହିଁ । କାରଣ ତୁମ୍ଭମାନଙ୍କର ପିତା ଜଣେ ସେ ସ୍ୱର୍ଗରେ ଅଛନ୍ତି । ଯେକେହି ଆପଣାକୁ ଉନ୍ନତ ବୋଲି ଦେଖାଏ, ତାକୁ ନତ କରାଯିବ, ପୁଣି ଯେ କେହି ଆପଣାକୁ ନତ କରେ, ତାହାକୁ ଉନ୍ନତ କରାଯିବ । ସ୍ୱର୍ଗସ୍ଥ ପିତାଙ୍କ ଅଦ୍ୱିତୀୟ ପୁତ୍ର ଆପଣାକୁ ନତ କରି ଏହି ଜଗତବାସୀ ହୋଇଥିଲେ ।

ବାଇବଲ କୌଣସି ପୃଷ୍ଠାରେ ପ୍ରେରିତ ପାଉଲ କିଅବା ପ୍ରେରିତ ପିତର **Reverend** ପଦବୀ ଧାରଣ କରିବା ଲିଖିତ ହୋଇ ନାହିଁ । ତଥାପି ଆଜିର ଧାର୍ମିକ ନେତାମାନେ ଏହି ପଦବୀ ଧାରଣ କରିବାରେ କୁଣ୍ଠିତ ନୁହନ୍ତି । ଯୀଶୁଖ୍ରୀଷ୍ଟଙ୍କ ନମ୍ରତା ବିଷୟରେ ପ୍ରେରିତ ପାଉଲ କହନ୍ତି, ସେ ଈଶ୍ୱରରୂପୀ ହେଲେ ହେଁ ଈଶ୍ୱରଙ୍କ ସହିତ

ସମାନ ହୋଇ ରହିବା ନିଜ ନିମନ୍ତେ ଧରି ରଖିବାର ବିଷୟ ମନେ କଲେ ନାହିଁ । କିନ୍ତୁ ମନୁଷ୍ୟ ସଦୃଶ୍ୟ ହୋଇ ଦାସ ରୂପ ଧାରଣକରି ଆପଣାକୁ ଶୂନ୍ୟ କଲେ । ପୁଣି ମନୁଷ୍ୟ ଭାବରେ ଦେଖାଯାଇ ମୃତ୍ୟୁ ପର୍ଯ୍ୟନ୍ତ ହଁ କ୍ରୁଶୀୟ ମୃତ୍ୟୁ ପର୍ଯ୍ୟନ୍ତ ଆଜ୍ଞାବହ ହୋଇ ଆପଣାକୁ ଅବନତ କଲେ । ( ଫିଲିପି ୨ : ୭-୫ ) । ଜଣେ ଧନୀ ଯୁବକ ପ୍ରଭୁଙ୍କ ନିକଟକୁ ଆସି ତାଙ୍କୁ ସଦ୍‌ଗୁରୁ ବୋଲି ସମ୍ବୋଧନ କରିବାରୁ ଯୀଶୁ ତାହାଙ୍କୁ ଉତ୍ତର ଦେଇ କହିଲେ, ମୋତେ ସତ ବୋଲି କାହିଁକି କହୁଅଛ ? ଜଣଙ୍କ ବିନା ଅର୍ଥାତ୍ ଈଶ୍ୱରଙ୍କ ବିନା ଅନ୍ୟ କେହି ସତ ନୁହେଁ । ( ମାର୍କ ୧୦ : ୧୮ ) ପରମପିତାଙ୍କ ଅଦ୍ୱିତୀୟ ପୁତ୍ର ମଧ୍ୟ ଆପଣାକୁ ତାହାଙ୍କ ସମାନ ସମ୍ବୋଧିତ ହେବାକୁ ଅଯୋଗ୍ୟ ମନେ କଲେ, ଛାରମନୁଷ୍ୟ କି ପରମେଶ୍ୱରଙ୍କ ସମ ପଦବୀ ଧାରଣ କରିବାକୁ ଯୋଗ୍ୟ ଅଟେ ?

ଭଲ ହେଉ ବା ମନ୍ଦ ହେଉ, ପ୍ରତ୍ୟେକ ଜଣ ଆପଣା ଶରୀର ଦ୍ୱାରା କୃତ କର୍ମାନୁସାରେ ଫଳ ପାଇବା ନିମନ୍ତେ ଖ୍ରୀଷ୍ଟଙ୍କ ବିଚାର ମଞ୍ଚ ଛାମୁରେ ଆମ୍ଭ ସମସ୍ତଙ୍କୁ ପ୍ରକାଶିତ ହେବାକୁ ହେବ । ( ୨ୟ କରିନ୍ଥୀ ୫ : ୧୦ ) । ପାଉଲ ଲେଖନ୍ତି, ଅତଏବ ଆମ୍ଭମାନଙ୍କର ପ୍ରତ୍ୟେକ ଜଣକୁ ଈଶ୍ୱରଙ୍କ ଛାମୁରେ ନିଜ ନିଜର ହିସାବ ଦେବାକୁ ହେବ । ( ରୋମୀୟ ୧୪ : ୧୨ ) । ସେହି ବିଚାର ସିଂହାସନ ସମ୍ମୁଖରେ ଆପଣା ଆପଣାକୁ ଏକ ବିଶ୍ୱସ୍ତ ଖ୍ରୀଷ୍ଟିୟାନ ସେହି ବିଚାର ସିଂହାସନ ସମ୍ମୁଖରେ ଆପଣ ଆପଣାକୁ ଏକ ବିଶ୍ୱସ୍ତ ଖ୍ରୀଷ୍ଟିୟାନ ରୂପେ କିଅବା ଏକ Reverend ରୂପେ ଉପସ୍ଥାପିତ ପ୍ରସ୍ତୁତ କରୁ ଅଛନ୍ତି ?

ଆସ ଆମ୍ଭେମାନେ ତାହାଙ୍କ ନାମର ଅବମାନ ନ କରୁ । ତାହାଙ୍କ ନାମ ପବିତ୍ର ଓ ଆଦରଣୀୟ (Holy and Reverend) ଅଟେ । ଆପଣଙ୍କ କିଅବା ମୋର ନାମ ନୁହେଁ । ତାହାଙ୍କ ଛାମୁରେ ଛାର ମନୁଷ୍ୟ କୀଟ ସଦୃଶ୍ୟ । ଆସ ଦାଉଦଙ୍କ ସହିତ ତାହାଙ୍କ

ନାମରେ କୀର୍ତ୍ତନ କର କହୁ । ହେ ସଦାପ୍ରଭୁ ଆମ୍ଭମାନଙ୍କ ପ୍ରଭୋ ସମୁଦାୟ ପୃଥିବୀରେ ତୁମର ନାମ କପରି ମହିମାନ୍ୱିତ ·· ମନୁଷ୍ୟ କିଏ ଯେ, ତୁମ୍ଭେ ତାହାର ତତ୍ତ୍ୱାବଧାନ କରୁଅଛ ?

( ଗୀତ ୮ : ୧-୪ ) FRANCIS DAVID

—o—

## ପ୍ରେମ କଦାପି ବିଫଳ ହୁଏନାହିଁ ।
## ( ୧ କରନ୍ଥୀ ୧୩ : ୧-୧୩ )
## ( Love Never Fails ) ( 1 Cor. 13 : 1-13 )

୧ମ କରନ୍ଥୀ ପତ୍ରର ୧୩ମ ପର୍ବ, ପ୍ରେମର ଅଧ୍ୟାୟ ରୂପେ ସୁପରିଚିତ । ଏହି ଅଧ୍ୟାୟର ବୁଝିବା ନିମନ୍ତେ ଆମ୍ଭମାନଙ୍କୁ ଏହି ଅଧ୍ୟାୟର ପୂର୍ବ ଅଧ୍ୟାୟଗୁଡ଼ିକ ଧ୍ୟାନ କରିବା ଆବଶ୍ୟକ । ୧୨ମ ଅଧ୍ୟାୟରେ ପ୍ରେରିତ ପାଉଲ ନଅଟି ଆତ୍ମୀୟ ବରଦାନ ବିଷୟରେ କହନ୍ତି । ଯେଗୁଡ଼ିକ ହେଲ :— ଜ୍ଞାନ, ବୁଦ୍ଧି, ବିଶ୍ୱାସ, ସୁସ୍ଥତା, ଆଶ୍ଚର୍ଯ୍ୟ କ୍ରିୟା, ଭବିଷ୍ୟଦ୍‌ବାଣୀ, ଆତ୍ମା ଚିହ୍ନିବା, ପରଭାଷାରେ କଥା କହିବା ଓ ପରଭାଷାର ଅନୁବାଦନ କରିବାର ବରଦାନ । ଏହି ଅଧ୍ୟାୟଗୁଡ଼ିକ ଅଧ୍ୟୟନ ଦ୍ୱାରା, କରନ୍ଥୀୟ ମଣ୍ଡଳୀଗୁଡ଼ିକରେ ଆତ୍ମୀୟ ବରଦାନ ଯୋଗୁଁ ହିଂସା, ଈର୍ଷା ଓ ବିବାଦ ପ୍ରବେଶ କରିଥିଲ ବୋଲି ଜାଣିପାରୁ, ପରଭାଷାରେ କଥା କହିବାକୁ ବରପ୍ରାପ୍ତ ସଭ୍ୟ-ମାନେ ଅନ୍ୟ ସଭ୍ୟମାନଙ୍କ ଠାରୁ ଆପଣାକୁ ଉନ୍ନତରେ ରୂପେ ପରିଗଣିତ କରୁଥିଲେ । ( ଆଧୁନିକ ଖ୍ରୀଷ୍ଟିୟ ଜଗତରେ ମଧ୍ୟ ଏହି ମନୋଭାବ ରହିଅଛି ) ପରଭାଷାରେ କଥା କହିପାରୁ ଥିବା ଲୋକେହିଁ ପ୍ରକୃତରେ ପୁନଃଜନ୍ମିତ ହୋଇ ଅଛନ୍ତି ବୋଲି ଅନେକ ମନେ କରନ୍ତି । କିନ୍ତୁ ପ୍ରେରିତ ପାଉଲ ଏହି ମତକୁ ମିଥ୍ୟା ବୋଲି ବୁଝାଇବା

ନିମନ୍ତେ ମନୁଷ୍ୟର ଶରୀରର ଉଦାହରଣ ଦେଇ ଅଛନ୍ତି । ତୋ'ଠାରେ ମୋହର ପ୍ରୟୋଜନ ନାହିଁ ବୋଲି ଆଖି ହାତକୁ କହିପାରେ ନାହିଁ । କିଅବା ତୋଠାରେ ମୋହର ପ୍ରୟୋଜନ ନାହିଁ ବୋଲି ମସ୍ତକ ପାଦକୁ କହି ପାରେ ନାହିଁ । ... ତୁମ୍ଭେମାନେ ଖ୍ରୀଷ୍ଟଙ୍କ ଶରୀର ଆଉ ଏକ ଏକଜଣ ଏକ ଏକ ଅଙ୍ଗସ୍ୱରୂପ । ... କିନ୍ତୁ ଶ୍ରେଷ୍ଠ ଦାନ ସମସ୍ତ ପାଇବା ନିମନ୍ତେ ଏକାନ୍ତ ଚେଷ୍ଟା କର । ଅଧିକନ୍ତୁ ମୁଁ ତୁମ୍ଭମାନଙ୍କୁ ଗୋଟିଏ ଉତ୍କୃଷ୍ଟତର ପଥ ଦେଖାଉଅଛି । (୧ମ କରିନ୍ଥୀ ୧୨ : ୩୧ ) ସେହି ଉତ୍କୃଷ୍ଟତର ପଥ ପ୍ରେମର ପଥ ଅଟେ । ବିଶୃଙ୍ଖଳା ସୃଷ୍ଟି କରିଥିବା ପରଭାଷାର ଆତ୍ମିକ ଦାନ ବିଷୟରେ ପ୍ରେରିତ ପାଉଲ ୧୪ମ ଅଧ୍ୟାୟରେ ବିସ୍ତୃତ ଭାବେ ବର୍ଣ୍ଣନା କରି ଅଛନ୍ତି ।

ଉତ୍କୃଷ୍ଟତର ପଥ ବିଷୟରେ ସେ କହିବାକୁ ଆରମ୍ଭ କରି କହନ୍ତି ଯଦି ମୁଁ ମନୁଷ୍ୟମାନଙ୍କ ଓ ଦୂତମାନଙ୍କ ଭାଷାରେ କଥା କହେ କିନ୍ତୁ ମୋହର ପ୍ରେମ ନଥାଏ, ତେବେ ମୁଁ ଶବ୍ଦକାରକ ଘଣ୍ଟା କିମ୍ବା ଝୁମ୍ ଝୁମ୍ ଝଙ୍କାର କରତାଳ ସ୍ୱରୂପ ହୋଇଅଛି । (୧ମ କରିନ୍ଥୀ ୧୩ : ୧ ) ପରସ୍ପର ପ୍ରେମ କରିବା ପରଭାଷାରେ କଥା କହିବାଠାରୁ ଶ୍ରେଷ୍ଠତର । ଏହି ନିରନ୍ତନ ସତ୍ୟ ଆମ୍ଭମାନଙ୍କ ଜୀବନରେ କେତେ ପ୍ରୟୋଜନୀୟ । ଆଉ ଯଦି ମହର ଭାବବାଣୀ କହିଲେ ଶକ୍ତି ଥାଏ ଏବଂ ମୁଁ ସମସ୍ତ ନିଗୂଢ଼ତତ୍ତ୍ୱ ଓ ସମସ୍ତ ଜ୍ଞାନର ପାରଦର୍ଶୀ ହୋଇ ଥାଏ ପୁଣି ପର୍ବତକୁ ସ୍ଥାନାନ୍ତର କରିବା ନିମନ୍ତେ ମୋହର ସମ୍ପୂର୍ଣ୍ଣ ବିଶ୍ୱାସ ଥାଏ, କିନ୍ତୁ ମୋହର ପ୍ରେମ ନଥାଏ, ତେବେ ମୁଁ କିଛି ନୁହେଁ ( ୨ୟ ପଦ ) ପ୍ରେମ ବିନା ମନୁଷ୍ୟ ଶୂନ୍ୟ । ପୁଣି ଯଦି ମୁଁ ଦରିଦ୍ର-ମାନଙ୍କୁ ଭୋଜନ କରାଇବା ନିମନ୍ତେ ମୋହର ସର୍ବସ୍ୱ ବିତରଣ କରେ ପୁଣି ଯଦି ମୁଁ ମୋହର ଶରୀରକୁ ଦଗ୍ଧ ହେବା ନିମନ୍ତେ ସମର୍ପଣ କରେ, କିନ୍ତୁ ମୋହର ପ୍ରେମ ନଥାଏ, ତେବେ ମୋହର କିଛି ଲାଭ-ନାହିଁ । ( ୨ୟ ପଦ ) । ବୁଦ୍ଧି, ଜ୍ଞାନ, ବିଶ୍ୱାସ, ସୂକ୍ଷ୍ମତା, ଆଶ୍ଚର୍ଯ୍ୟ କିମ୍ବା କର୍ମ ଭାବବାଣୀ, ଆତ୍ମା ଚହ୍ନିବାର ପରଭାଷା, ପରଭାଷାର

ଅର୍ଥ ପ୍ରକାଶ କରିବାର ଆତ୍ମୀୟ ଦାନଗୁଡ଼ିକ ମୂଲ୍ୟହୀନ ବୋଲି ପ୍ରକଟ କରିଅଛନ୍ତି । ଯୀଶୁଖ୍ରୀଷ୍ଟ ଯୋହନ ୬ : ୨୭ ପଦରେ ଏହି ସମାଲୋଚନା ପ୍ରକାଶ କରିଅଛନ୍ତି । କ୍ଷୟୀ ଭକ୍ଷ୍ୟ ନିମନ୍ତେ ଶ୍ରମ ନ କରି ବରଂ ଯେଉଁ ଅନନ୍ତ ଜୀବନ ଦାୟକ ଭକ୍ଷ୍ୟ ଅକ୍ଷୟ ରହେ, ସେଥି ନିମନ୍ତେ ଶ୍ରମ କର । ଯୀଶୁଖ୍ରୀଷ୍ଟ କୌଣସି ପ୍ରକାର ଶ୍ରମ ନ କରିବା ନିମନ୍ତେ ଆଦେଶ ଦିଅନ୍ତି ବୋଲି ଏହି ବାକ୍ୟର ଅର୍ଥ ନୁହେ, କିନ୍ତୁ ସର୍ବପ୍ରଥମେ ତାହାଙ୍କ ରାଜ୍ୟ ଓ ନୀତି ଅନ୍ୱେଷଣ କରିବା ମନୁଷ୍ୟର କର୍ତ୍ତବ୍ୟ । କାରଣ ଖ୍ରୀଷ୍ଟ ମୋତେ ବାପ୍ତିସ୍ମ ଦେବା ନିମନ୍ତେ ପ୍ରେରଣ କଲେ ନାହିଁ । ମାତ୍ର ସୁସମାଚାର ପ୍ରଚାର କରିବା ନିମନ୍ତେ ପ୍ରେରଣ କଲେ । (୧ମ କରିନ୍ଥୀ ୧ : ୧୭) । ବାପ୍ତିସ୍ମ ଅନାବଶ୍ୟକ ବିଷୟ ବୋଲି ଏହାର ଅର୍ଥ ନୁହେଁ କିନ୍ତୁ ଆନନ୍ଦରେ ବାକ୍ୟ ଗ୍ରହଣକାରୀ ପ୍ରତ୍ୟେକ ବାପ୍ତିଜିତ ହୁଅନ୍ତି । ( ପ୍ରେରିତ ୨ : ୪୧ ) । ପ୍ରତ୍ୟେକ ବିଷୟରେ ବିଶିଷ୍ଟତା ଅଛି, କିନ୍ତୁ ପ୍ରେମ ଉତ୍କୃଷ୍ଟତମ ଅଟେ ।

ପ୍ରେମ କଦାପି ଶେଷ ହୁଏ ନାହିଁ କିନ୍ତୁ ଯଦି ଭାବବାଣୀ ଥାଏ, ତାହା ଲୋପ ହେବ ଯଦି ପରଭାଷା ଥାଏ, ସେହିସବୁ ନିବୃତ୍ତ ହେବ । ଯଦି ଜ୍ଞାନ ଥାଏ ତାହା ଲୋପ ହେବ । ପରମେଶ୍ୱରଙ୍କ ଯୋଜନାନୁଯାୟୀ ସିଦ୍ଧ ବିଷୟର ଉପସ୍ଥାପିତ ହେବା ପରେ ଆଂଶିକ ବିଷୟ ଗୁଡ଼ିକର ଅନ୍ତ ହେବ । ଏହି ଅଧ୍ୟାୟରେ ଶେଷ ପଦରେ ପାଉଲ କହନ୍ତି ଅତଏବ ବିଶ୍ୱାସ ଭରସା, ପ୍ରେମ, ଏହି ତିନି ସ୍ଥାୟୀ ଅଟେ, ଆଉ ଏମାନଙ୍କ ମଧ୍ୟରେ ପ୍ରେମ ଉତ୍କୃଷ୍ଟ ପ୍ରେମ ଉତ୍କୃଷ୍ଟତମ କାରଣ ଏହାର ଅନ୍ତ ନାହିଁ । ପରଭାଷା ଭାବବାଣୀ ଜ୍ଞାନ ସମସ୍ତ ଏହି ଜଗତରେ ହିଁ ଲୋପ ହେବ କିନ୍ତୁ ପ୍ରେମର ମାର୍ଗ ଆମ୍ଭମାନଙ୍କ ପିତାଙ୍କ ନିକଟକୁ ନେଇଯିବ । ମନୁଷ୍ୟର ଜୀବନ କ୍ଷଣଭଙ୍ଗୁର ଆସନ୍ତାକାଲି ମନୁଷ୍ୟ ନିମନ୍ତେ କଅଣ ସାଇତି ରଖିଅଛି କେହି ଜାଣେନା ପ୍ରେମ ସମସ୍ତ ଶାସ୍ତ୍ରର ମୂଳ ବିଷୟ ବସ୍ତୁ । ପୁରାତନ ଓ ନୂତନ ନିୟମର ପ୍ରତିଜ୍ଞା ଆଜ୍ଞା ଓ ବିଚାରର ମୂଳ ଧାର ।

ଶାସ୍ତ୍ର କହେ ସେ ପ୍ରଥମରେ ଆମ୍ଭମାନଙ୍କୁ ପ୍ରେମ କରିବାରୁ ଆମ୍ଭେମାନେ ପ୍ରେମ କରୁ ( ୧ମ ଯୋହନ ୪ : ୧୯ ) । କାରଣ ଈଶ୍ୱରଙ୍କ ପ୍ରେମ କରିବାରେ ଅର୍ଥ ତାହାଙ୍କ ଆଜ୍ଞା ପାଳନ କରିବା ଆଉ ତାହାଙ୍କ ଆଜ୍ଞାସବୁ ଭାର ସ୍ୱରୂପ ନୁହେଁ । ପ୍ରେମଥିଲେ ଯଥେଷ୍ଟ, ଆଜ୍ଞାବହତାର ଆବଶ୍ୟକ ନାହିଁ ବୋଲି ଆଜିର ଏକ ମିଥ୍ୟା ପ୍ରବୃତ୍ତି ଅଛି । କିନ୍ତୁ ପ୍ରଭୁ କହନ୍ତି । ଯଦି ତୁମ୍ଭେମାନେ ମୋତେ ପ୍ରେମକର ତାହା ହେଲେ ମୋହର ଆଜ୍ଞାସବୁ ପାଳନ କରିବ । ( ଯୋହ ୧୪ : ୧୫ ) । ଯେ ମୋହର ଆଜ୍ଞାସବୁ ଗ୍ରହଣ କରି ପାଳନ କରେ, ସେହି ତ ମୋତେ ପ୍ରେମ କରେ ଆଉ ଯେ ମୋତେ ପ୍ରେମ କରେ ମୋହର ପିତା ତାହାଙ୍କୁ ପ୍ରେମ କରିବେ ପୁଣି ମୁଁ ତାହାଙ୍କୁ ପ୍ରେମ କରିବ ଓ ତାହା ନିକଟରେ ଆପଣାକୁ ପ୍ରକାଶ କରିବ । ( ୨୧ମ ପଦ ) ଯଦି କେହି ମୋତେ ପ୍ରେମ କରେ, ତାହା ହେଲେ ସେ ମୋହର ବାକ୍ୟ ପାଳନ କରିବ, ପୁଣି ମୋହର ପିତା ତାହାଙ୍କୁ ପ୍ରେମ କରିବେ ଆଉ ଆମ୍ଭେମାନେ ତାହା ନିକଟକୁ ଆସି ତାହା ସହିତ ବାସ କରିବା । ( ୨୩ ପଦ ) ପ୍ରେମ ହିଁ ଆଜ୍ଞାବହତାର ମୂଳ କାରଣ । ତାହାଙ୍କଠାରେ ବିଶ୍ୱାସ କରିଥିବା ଯିହୁଦୀମାନଙ୍କୁ ସେ କହିଲେ ଯଦି ତୁମ୍ଭେମାନେ ମୋହର ବାକ୍ୟରେ ସ୍ଥିର ହୋଇ ରହିବ, ତେବେ ତୁମ୍ଭେମାନେ ପ୍ରକୃତରେ ମୋହର ଶିଷ୍ୟ । ପୁଣି ତୁମ୍ଭେମାନେ ପ୍ରକୃତରେ ମୋହର ଶିଷ୍ୟ । ପୁଣି ତୁମ୍ଭେମାନେ ସତ୍ୟ ଜ୍ଞାତ ହେବ ଓ ସତ୍ୟ ତୁମ୍ଭମାନଙ୍କୁ ମୁକ୍ତ କରିବ । ( ଯୋହନ ୮ : ୩୧ : ୩୨ ) ।

ପ୍ରେମ ବ୍ୟତୀତ ଜଗତରେ ଅନ୍ୟ କୌଣସି ବିଷୟର ବିଶେଷତା ନାହିଁ ବୋଲି ଏହାର ଅର୍ଥ ନୁହେଁ । କିନ୍ତୁ ପ୍ରେମ ବିନୁ, ମନୁଷ୍ୟ ଜୀବନ ନିସାର, ଅଶାନ୍ତି ଓ ଅସନ୍ତୋଷରେ ଭରି ହୋଇଥାଏ ଯେଉଁ ଉତ୍କୃଷ୍ଟ ପଥ ଆମ୍ଭମାନଙ୍କୁ ଅନନ୍ତ ଜୀବନକୁ ନେଇଯାଏ ଆସ ସେହି ପ୍ରେମର ପଥ ଅବଲମ୍ବନ କରୁ ।

—MACK LYON

—o—

# ନାମରେ କଅଣ ଅଛି ?
# ( What's In a Name ? )

ଆଜି ଖ୍ରୀଷ୍ଟିୟ ଜଗତରେ ମଣ୍ଡଳୀର ଅନେକ ନାମ ଦେଖିବାକୁ ମିଳେ । ଏଗୁଡ଼ିକ ମଧ୍ୟରୁ କେଉଁ ନାମ ଈଶ୍ୱରଙ୍କ ଠାରୁ ଆଗତ ? ନାମର କି କୌଣସି ପ୍ରଧାନ୍ୟତା ଅଛି ? ଆସ ବିଶ୍ଳେଷଣ କରି ଦେଖିବା ।

## ବାଇବଲରେ ବାକ୍ୟର ପ୍ରାଧାନ୍ୟତା :

ବାଇବଲରେ ନାମର ବିଶିଷ୍ଟତା ରହିଅଛି । ଅବ୍ରାମ ନାମର ଅର୍ଥ 'ମହାପିତା' ଯାହା ଅବ୍ରାହାମ (ବହୁ ଲୋକର ପିତା)ରେ ( ଆଦି ୧୭ : ୧-୮ ) ଏବଂ ତାହାଙ୍କ ସ୍ତ୍ରୀ ସାରି ( କୁଳୀନା )ଙ୍କ ନାମ ସାରା (ରାଣୀ)ରେ ସଦାପ୍ରଭୁ ପରିବର୍ତ୍ତନ କରିଥିଲେ । ପ୍ରତିଜ୍ଞାତ ସନ୍ତାନ ଇସହାକଙ୍କ ଜନ୍ମପରେ ସେମାନଙ୍କ ନାମର ଅର୍ଥ ସାର୍ଥକ ହୋଇଥିଲେ । ଇସହାକଙ୍କ ଜ୍ୟେଷ୍ଠପୁତ୍ର ଏଷୌର ପାଦମୂଳ ଧରି ଜନ୍ମ ହୋଇଥିବା ଯାକୁବ ( ପଦାପହାରକ )ଙ୍କ ନାମ ସଦାପ୍ରଭୁ ଇସ୍ରାଏଲ ରୂପେ ବଦଳାଇଥିଲେ । ଯେଉଁ ନାମର ଅର୍ଥ ( ପରମେଶ୍ୱରଙ୍କ ସହିତ ଯୋଦ୍ଧା କାରଣ ସେ ଜନ୍ମ ରାତିରେ ପରମେଶ୍ୱରଙ୍କ ଦୂତ ସହିତ ଯୁଦ୍ଧ କରି ବିଜୟୀ ହୋଇଥିଲେ । ( ଆଦି ୩୨ : ୨୨-୩୨ ) ଯୀଶୁ-ଖ୍ରୀଷ୍ଟ ଶିଷ୍ୟମାନ ଅର୍ଥାତ୍ 'ଶ୍ରବଣ'ଙ୍କ ନାମ ପିତର ଅର୍ଥାତ୍ 'ପ୍ରସ୍ତର'ରେ ପରିବର୍ତ୍ତନ କରିଥିବା ବିଷୟ ଆମ୍ଭେମାନେ ଯୋହନ ୧ : ୪୦-୪୨ ପଦଗୁଡ଼ିକରେ ପଢ଼ିପାରୁ ।

ବିଦ୍ରୋହୀ ଇସ୍ରାଏଲ ସନ୍ତାନମାନଙ୍କୁ ସଦାପ୍ରଭୁ ଶାସନ କରିବା ସମୟରେ ଥରେ ଭବିଷ୍ୟଦ୍ବକ୍ତା ହୋଶେୟଙ୍କୁ ସଦାପ୍ରଭୁ ବ୍ୟଭିଚାରିଣୀ ଏକ ଭାର୍ଯ୍ୟା ଗ୍ରହଣ କରିବା ନିମନ୍ତେ ଆଦେଶ ଦେଲେ । ତାହାଙ୍କ ଦ୍ୱାରା ହୋଶେୟଙ୍କ ୨ୟ ସନ୍ତତିର ନାମ ଲୋ-ରୁହମା ( ଅଦୟା ପାତ୍ରୀ ) ରଖିଲେ । ସେ କହିଲେ କାରଣ ଆମ୍ଭେ କୌଣସି ମତେ ଇସ୍ରାଏଲ

ବଂଶକୁ କ୍ଷମା କରିବା ପାଇଁ ସେମାନଙ୍କ ପ୍ରତି ଦୟା ପ୍ରକାଶ କରିବା ନାହିଁ । ( ହୋଶେୟ ୧ : ୬ ) । ପୁନର୍ବାର ତାହାଙ୍କ ତୃତୀୟ ସନ୍ତାନଙ୍କୁ ସଦାପ୍ରଭୁ ଲୋ-ଆମୀ ( ଆମ୍ଭର ଲୋକ ନୁହେଁ ) ବୋଲି ନାମ ରଖିବାକୁ ଆଦେଶ ଦେଲେ । କାରଣ ତୁମ୍ଭେମାନେ ଆମ୍ଭର ଲୋକ ନୁହଁ ଓ ଆମ୍ଭେ ତୁମ୍ଭମାନଙ୍କର ପରମେଶ୍ୱର ନୋହିବା ( ହୋଶେୟ ୧ : ୯ ) ଏହି ବାକ୍ୟ ଇସ୍ରାଏଲ ସନ୍ତାନମାନଙ୍କୁ ଜଣାଇବା ନିମନ୍ତେ ଭବବାଦୀଙ୍କ ସନ୍ତାନଙ୍କୁ ସେ ନାମ କରଣ କରିଥିଲେ ।

ଆମ୍ଭମାନଙ୍କ ପ୍ରଭୁଙ୍କ ନିମନ୍ତେ ଅତି ଶ୍ରେଷ୍ଠ ନାମ ସଞ୍ଚିତ ହୋଇଥିଲା । ଗ୍ରାବ୍ରିଏଲ ଦୂତ ଯୋସେଫଙ୍କୁ କହିଲେ ସେ ପୁତ୍ର ପ୍ରସବ କରିବେ, ଆଉ ତୁମ୍ଭେ ତାହାଙ୍କ ନାମ ଯୀଶୁ ଦେବ, କାରଣ ସେ ଆପଣା ଲୋକମାନଙ୍କୁ ସେମାନଙ୍କର ପାପରୁ ପରିତ୍ରାଣ କରିବେ । ( ମାଥିଉ ୧ : ୨୧ ) ଯିଶାଇୟ ଭବବାଦୀ ୭ : ୧୪ ପଦରେ ପ୍ରକଟିତ ବାକ୍ୟର ସଫଳତା ବିଷୟରେ ମାଥିଉ ୧ : ୨୩ ପଦରେ କୁହାଯାଇ ଅଛି । ଯାହା କହେ, ଦେଖ, ଜଣେ କନ୍ୟା ଗର୍ଭବତୀ ହୋଇ ପୁତ୍ର ପ୍ରସବ କରିବେ, ଆଉ ଲୋକେ ତାହାଙ୍କ ନାମ ଇମାନୁଏଲ ଦେବେ ଏହି ନାମର ଅର୍ଥ ଆମ୍ଭମାନଙ୍କ ସହିତ ଇଶ୍ୱର । ସେ ଖ୍ରୀଷ୍ଟ ନାମରେ ଖ୍ୟାତ କାରଣ ସେ ଅଭିଷିକ୍ତ ଅଟନ୍ତି ! ଆମ୍ଭେ ତାହାଙ୍କୁ ପ୍ରଭୁ ବୋଲି ମାନୁ, କାରଣ ସେମାନଙ୍କୁ ଆପଣା ରକ୍ତ ଦ୍ୱାରା କ୍ରୟ କରି ଅଛନ୍ତି ଏବଂ ସର୍ବଅଧିକାର ତାହାଙ୍କର । ( ରୋମୀୟ ୭ : ୨୪-୨୫, ୧ମ କରନ୍ଥୀ ୭ : ୧୯-୨୦ ) । ସଦାପ୍ରଭୁ ଆପଣା ପୁତ୍ରଙ୍କୁ ଦେଇଥିବା ସେହି ଶ୍ରେଷ୍ଠତମ ନାମ ବ୍ୟତୀତ ଅନ୍ୟ କୌଣସି ନାମରେ କେହି ତାହାଙ୍କୁ ସମ୍ବୋଧନ କରନ୍ତି ନାହିଁ ।

## ଇଶ୍ୱରଙ୍କ ପ୍ରଜାମାନଙ୍କ ନିମନ୍ତେ ଏକ ନୂତନ ନାମ :

ଯିରୁଶାଲମରୁ ସଦାପ୍ରଭୁ ଧାର୍ମିକତା ଓ ପରିତ୍ରାଣ ପ୍ରକଟ ହେବାର ଦିନ ନିମନ୍ତେ ଭବବାଦୀ ଯିଶାଇୟ ଅନାଇ ରହିଥିଲେ । ସେହି ସମୟରେ ସଦାପ୍ରଭୁଙ୍କ ପ୍ରଜା ଏକ ନୂତନ ନାମ ପ୍ରାପ୍ତ ହେବେ

ବୋଲି ଉଲ୍ଲିଖିତ ହୋଇଥିଲେ । ନୂତନ ନିୟମରେ ଲିପିବଦ୍ଧ ଇତିହାସନୁଯାୟୀ ଆଣ୍ଟିୟଖିଆର ମଣ୍ଡଳୀରେ ଯିହୁଦୀ ଓ ଗ୍ରୀକ ଦୁଇବର୍ଗର ଲୋକେ ଅନ୍ତର୍ଭୁକ୍ତ ଥିଲେ । ଏହି ସ୍ଥାନର ବିଶ୍ୱାସୀମାନେ ପ୍ରଥମେ ଖ୍ରୀଷ୍ଟିୟାନ ନାମରେ ଖ୍ୟାତ ହୋଇଥିଲେ ବୋଲି ପ୍ରେରିତ ୧୧ : ୨୬ ପଦରେ ପଢ଼ିପାରୁ ।

ପ୍ରେରିତ ପାଉଲଙ୍କ ଦ୍ୱାରା ରାଜା ଆଗ୍ରିପ୍ପାଙ୍କୁ ଖ୍ରୀଷ୍ଟଙ୍କ ସମାଚାର ପ୍ରଚାରିତ ବାକ୍ୟ ଶୁଣି ସେ କହିଲେ, ଅଳ୍ପ କଥାରେ ତ ତୁମ୍ଭେ ଆମ୍ଭକୁ ଖ୍ରୀଷ୍ଟିୟାନ କରି ପାର ବୋଲି ମନେ କରୁଅଛ ? ( ପ୍ରେରିତ ୨୬ : ୨୮ ) ଏହି ନୂତନ ନାମ ଖ୍ରୀଷ୍ଟିୟାନ ଦ୍ୱାରା ଈଶ୍ୱରଙ୍କୁ ମହିମା କୀର୍ତ୍ତନ କରିବା ନିମନ୍ତେ, ଆଦିମ ଶିଷ୍ୟମାନଙ୍କୁ ପ୍ରେରିତ ପାଉଲ ଉତ୍ସାହିତ କରନ୍ତି । ( ୧ମ ପିତର ୪ : ୧୬ ) । ପ୍ରଭୁଙ୍କ ଦତ୍ତ ନାମ ଖ୍ରୀଷ୍ଟିୟାନ ବୋଲି ପ୍ରତ୍ୟେକ ସମ୍ମତ ଅଟନ୍ତି, ତେବେ ସେ କେବଳ ଏହି ନାମ ଧାରଣ ନକରି ମନୁଷ୍ୟ ସୃଷ୍ଟ ନାମଗୁଡ଼ିକ ଧାରଣ କରିବାରେ ମନୁଷ୍ୟ କାହିଁକି ଆଗ୍ରହୀ ହୁଏ ?

**ଈଶ୍ୱର ଦତ୍ତ ମଣ୍ଡଳୀର ନାମ :**

ଈଶ୍ୱର ଦତ୍ତ ମଣ୍ଡଳୀର ନାମ ସ୍ୱୀକାର ନ କରି ମନୁଷ୍ୟ କାହିଁକି ଅନ୍ୟାନ୍ୟ ନାମ ସ୍ୱୀକୃତ କରେ ? ମଣ୍ଡଳୀ, ଖ୍ରୀଷ୍ଟଙ୍କ ଶରୀର ଅଟେ । ( ଏଲସୀ ୧ : ୨୨-୨୩ ) ଆମ୍ଭମାନଙ୍କ ସଦ୍ଭାଗ୍ୟ ଯୀଶୁ ଖ୍ରୀଷ୍ଟଙ୍କର ମଧ୍ୟ ଏକମାତ୍ର ଶରୀର ଅଛି । ( ଏଫିସୀ ୪ : ୪ ) । ଆମ୍ଭମାନଙ୍କ ମସ୍ତକ ଓ ଶରୀର ବିଭିନ୍ନ ନାମରେ ପରିଚିତ ହେବା ସମ୍ଭବପର କି ? ମଣ୍ଡଳୀ, ଖ୍ରୀଷ୍ଟଯୀଶୁଙ୍କ ବଧୂ ବୋଲି ଆମ୍ଭେମାନେ ସବୁବେଳେ ମନେ ରଖିବା ଉଚିତ ( ଏଫିସୀ ୫ : ୨୨-୨୩, ରୋମୀୟ ୭ : ୪, ୨ କରନ୍ଥୀ ୧୧ : ୨ ଯୋହନ ୩ : ୨୫-୨୬ ) ଆପଣା ବଧୂ ଅନ୍ୟ ପୁରୁଷର ନାମ ଧାରଣ କଲେ, କେଉଁ ପୁରୁଷ ସହ୍ୟ କରି ପାରିବ ?

ପିତା ପରମେଶ୍ୱର ଓ ତ୍ରାଣକର୍ତ୍ତା ପ୍ରଭୁ ଯୀଶୁ ପବିତ୍ରଆତ୍ମାଙ୍କ ଦ୍ୱାରା କେତେକ ଲେଖକ ଲେଖନୀରୁ ଖ୍ରୀଷ୍ଟଙ୍କ ଶରୀର ନିମନ୍ତେ ଏକ ନାମ ବ୍ୟକ୍ତ କରିଅଛନ୍ତି, ଯାହା 'ମଣ୍ଡଳୀ' ଅଟେ । ଏହା ଈଶ୍ୱରଙ୍କ ମଣ୍ଡଳୀ ରୂପେ ମଧ୍ୟ ଖ୍ୟାତ ( ପ୍ରେରିତ ୨୦ : ୨୮, ୧ମ କରନ୍ଥୀ ୧ : ୨ ) । ରୋମୀୟ ୧୬ : ୧୬ ରେ ପାଉଲ କହନ୍ତି ଖ୍ରୀଷ୍ଟଙ୍କ ସମସ୍ତ ମଣ୍ଡଳୀ ତୁମ୍ଭମାନଙ୍କୁ ନମସ୍କାର ଜଣାଉ ଅଛନ୍ତି । ବିଭିନ୍ନ ସ୍ଥାନରେ ଏକତ୍ରିତ ହେଉଥିବା ଖ୍ରୀଷ୍ଟଙ୍କ ମଣ୍ଡଳୀଗୁଡ଼ିକ ରୋମର ମଣ୍ଡଳୀକୁ ନମସ୍କାର ଜଣାଉ ଅଛନ୍ତି ବୋଲି ଏହାର ଅର୍ଥ । କଲସୀ ୧ : ୧୩ ପଦରେ ଖ୍ରୀଷ୍ଟିୟାନମାନଙ୍କୁ ଈଶ୍ୱର ଅନ୍ଧକାରର କ୍ଷମାରୁ ଉଦ୍ଧାର କରି ଆପଣା ପ୍ରେମପାତ୍ରଙ୍କ ରାଜ୍ୟକୁ ସ୍ଥାନାନ୍ତର କରିଅଛନ୍ତି ବୋଲି କୁହାଯାଏ । (ପ୍ରକାଶିତ ୧ : ୯ ପଦ ସହିତ ତୁଳନା କରନ୍ତୁ ।) ଈଶ୍ୱର ଦତ୍ତ ନାମ ଧାରଣ ନକରି ତାହାଙ୍କ ସମ୍ମୁଖରେ କି ଆମ୍ଭେମାନେ ନିର୍ଦ୍ଦୋଷ ପରିଗଣିତ ହୋଇ ପାରିବା ?

**GARY C. HAMPTON**

—o—

ରାଜେଶ୍ୱରୀ ପ୍ରେସ, ନବରଙ୍ଗପୁର ।

# "TRY THE SPIRITS"

### 1 John 4:1

## INTRODUCTION :

1. Some people think that if an individual speaks in the name of religion then he is alright
2. However, the Bible teaches that many false prophets or teachers have gone out.
3. We must be careful lest we be deceived, and therefore, lose out souls.

## DISCUSSION :

### A. A Warning considered.

1. We ared told not to believe every spirit..
2. We are further encouraged to try the spirits.
3. The purpose is to find out if they are of God.
4. This is to be done because many false prophest have gone out.

### B. The manner in which false prophets are to be tried.

1. A false prophet or spirit has reference to a teacher or preacher.
2. They are to be tried with the word of God.
3. If they are found guilty then they are to be rejected.

### C. Those to be tried.

1. All are to be tried.
2. Gospel preachers are to be tried.
3. Denominational preachers are to be tried.
4. All other kinds of preachers or teachers are to be tried.

### D. Now consider these doctrines and try them by the word.

1. The doctrine of faith only (James 2:24).
2. The doctrine of praying through (John 9:31).
3. The doctrine of waiting on the spirit (Heb. 5:8,9).
4. The doctrine that one churh is as good as another (Matt. 16:18).
5. The doctrine that one can be saved outside the church (Eph. 5:23).
6. The doctrine that baptism will not save (1Pet. 3:21).
7. The doctrine that one may worship as he pleases (John 4:24).
8. The doctrine that all works are apart from salvation (1Cor. 15:58).

9. The doctrine that there is nothing in a name (Acts 4:12).
10. The doctrine of once saved always saved (Gal. 5:4)
11. The doctrine of many faiths (Eph. 4:5).
12. The doctrine that there are many ways to heaven (John 14:6).

**E. The results of an examination.**

1. It will prove that one is unscriptural.
2. Or it will prove that one is loyal to God's will.

**CONCLUSION :**

1. The soul is too important to throw it away by following some false prophet.
2. Try the spirits as to whether they are of God.
3. If you find the truth has not been presented then reject it.
4. However, if you find that the truth has been presented then accept it because it is the truth.

**- J. C. Choate.**

From

**SATYA VANI**
**P.o. Box 80**
**KAKINADA - 533 001**

**Printed Book only**

**To**

(FOR PRIVATE CIRCULATION ONLY)